# ସବୁଜ ସ୍ୱର୍ଣ୍ଣ

*Green Gold*

News Letter

କୃଷି ବିଜ୍ଞାନ କେନ୍ଦ୍ର, (ଓ. ୟୁ.ଏ.ଟି.) ନୟାଗଡ଼

Krishi vigyan Kendra, (O.U.A.T.), NAYAGARH

ତ୍ରୟୋଦଶ ବର୍ଷ ପ୍ରଥମ ସଂଖ୍ୟା ସମାଚାର ପତ୍ର ୨୦୨୦


## ଚତୁର୍ଦ୍ଦଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ବୈଠକ:-

ନୟାଗଡ଼ କେନ୍ଦ୍ର ଆନୁକୂଲ୍ୟରେ ଏହାର ଚତୁର୍ଦ୍ଦଶ ବୈଜ୍ଞାନିକ ଉପଦେଷ୍ଟା ମଣ୍ଡଳୀର ବୈଠକ ଅନୁଷ୍ଠିତ ହୋଇଯାଇଛି । ଏହି କାର୍ଯ୍ୟକ୍ରମରେ କୃଷି ସଂପ୍ରସାରଣ ନିର୍ଦ୍ଦେଶାଳୟ (ଓ.ୟୁ.ଏ.ଟି) ର ଯୁଗ୍ମ ନିର୍ଦ୍ଦେଶକ ଡ଼ଃ ପ୍ରସନ୍ନଜିତ୍ ମିଶ୍ର ଓ ଆଇସିଏଆଇ ର ମୁଖ୍ୟ ବୈଜ୍ଞାନିକ ଡ଼ଃ କଲ୍ୟାଣ ସୁନ୍ଦର ଦାସ୍ ଯୋଗଦେଇଥିଲେ । ଜିଲ୍ଲାର ସମସ୍ତ



ବିଭାଗର ମୁଖ୍ୟ ଓ ପଦାଧିକାରୀ ମାନେ ଯୋଗଦେଇଥିଲେ । ଡ଼ିଭିଜନାଲ ଫରେଷ୍ଟ ଅଫିସର ଶ୍ରୀଯୁକ୍ତ ଧନରାଜ ଜିଆଖିତ ଓ ମୃତ୍ତିକା ବିଶ୍ଳେଷଣ ଉପରେ ଗୁରୁତ୍ୱାରୋପଣ କରିଥିଲେ । ପୂର୍ବ ବର୍ଷର ଅନୁମୋଦିତ କାର୍ଯ୍ୟକ୍ରମର ବିଶ୍ଳେଷଣ କରାଯାଇଥିଲା ଓ ଆଗାମୀ ବର୍ଷ ପାଇଁ ପ୍ରସ୍ତୁତ ଯୋଜନାର ସଫଳ ରୂପାୟନ ପାଇଁ ଆଲୋଚନା କରାଯାଇଥିଲା । ଡ଼ଃ କଲ୍ୟାଣ ସୁନ୍ଦର ଦାସ୍ ବିଭିନ୍ନ କାର୍ଯ୍ୟକ୍ରମ ର ସଫଳତା ପାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## ଆର୍ୟ୍ୟାର ଜିଲ୍ଲାସ୍ତରୀୟ ବୈଠକ:-

କୃଷି ବିଜ୍ଞାନ କେନ୍ଦ୍ର ନୟାଗଡ଼ ତରଫରୁ ଆର୍ୟ୍ୟାପାଇଁ ଏକ ଜିଲ୍ଲାସ୍ତରୀୟ ବୈଠକ ର ଆୟୋଜନ କରାଯାଇଥିଲା । ଏଥିରେ ଜିଲ୍ଲା ମତ୍ସ୍ୟ ଅଧିକାରୀ, ଉଦ୍ୟାନ କୃଷିବିତ୍ ଓ ଜିଲ୍ଲା ପ୍ରାଣୀଧନ ଅଫିସର ଓ ଅନେକ ଉଦ୍ୟୋଗୀ ଚାଷୀ ଭାଇ ଭଉଣୀ




ମାନେ ଯୋଗଦାନ କରିଥିଲେ । ଓଡ଼ିଶା କୃଷି ଓ ବୈଷୟିକ ବିଶ୍ୱବିଦ୍ୟାଳୟର ସଂପ୍ରସାରଣ ଶିକ୍ଷା ନିର୍ଦ୍ଦେଶଳୟର ଯୁଗ୍ମ ନିର୍ଦ୍ଦେଶକ (ସୂଚନା) ଶ୍ରୀଯୁକ୍ତ ମହାମାୟା ପ୍ରସାଦ ନାୟକ ମୁଖ୍ୟ ଅତିଥି ଭାବରେ ଯୋଗ ଦେଇଥିଲେ । ଛତୁଚାଷ,ମତ୍ସ୍ୟଚାଷ ଓ କୁକୁଡ଼ା ଚାଷର ବୈଜ୍ଞାନିକ ମାନେ କିପରି ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିବେ ଓ ଏହି ଯୋଜନାରେ ଚାଷୀମାନେ କିପରି ପ୍ରଦତ୍ତ ମୌଳିକ ଉପାଦାନ ଗୁଡ଼ିକର ସୁବିନିଯୋଗ କରି ସେଥିରୁ ଭଲ ଲାଭ ପାଇପାରିବେ, ସେହି ବିଷୟରେ ଆଲୋଚନା କରିଥିଲେ । ଗତ ବର୍ଷ ତୁଳନାରେ ଏହିବର୍ଷ କିଛି

।ଏହି ଯୋଜନା ମୁତାବକ କିପରି ଅଧିକ ଯୁବ ଉଦ୍ୟୋଗୀ ଚାଷୀମାନଙ୍କୁ ଏହି କାର୍ଯ୍ୟକ୍ରମକୁ ଆକର୍ଷିତ କରି ସେମାନଙ୍କୁ ରଖାଯାଇପାରିବ ତାହାର ଏକ ରୂପରେଖ ପ୍ରସ୍ତୁତ କରାଯାଇଥିଲା । ଶେଷରେ କୃଷି ବୈଜ୍ଞାନିକ କେନ୍ଦ୍ରର ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ ଡ଼ଃ ଅନିଲ୍ କୁମାର ସ୍ୱାଇଁ ଧନ୍ୟବାଦ ଅର୍ପଣ କରିଥିଲେ ।

## କୃଷି କ୍ଷେତ୍ରରେ ନିଯୁକ୍ତ ମହିଳା ଦିବସ ପାଳିତଃ-

ନୟାଗଡ଼ ଜିଲ୍ଲା ନୂଆଗାଁ ବ୍ଲକ ହାମସ୍ ସ୍ୱେଚ୍ଛାସେବୀ ସଂଗଠନ ଦ୍ୱାରା କୃଷି ବିଜ୍ଞାନ କେନ୍ଦ୍ର ପାଣିପଇଲା ତରଫରୁ ଆକ୍ଟୋବର ୪ ତାରିଖରେ କୃଷି କ୍ଷେତ୍ରରେ ନିଯୁକ୍ତ ମହିଳା ଦିବସ ପାଳିତ ହୋଇଯାଇଛି । ଉକ୍ତ କାର୍ଯ୍ୟକ୍ରମ ରେ କୃଷି ବୈଜ୍ଞାନିକ ବିଜୟଲକ୍ଷ୍ମୀ ରାଉତ, ସୁଚିସ୍ମିତା ଦ୍ୱିବେଦୀ, ବିକ୍ରମ କେଶରୀ ପରିମାଣିକ ଯୋଗଦେଇ ମହିଳା ମାନେ କିପରି ଆତ୍ମ ନିର୍ଭଶଶୀଳ ହୋଇପାରିବେ ସେ ବିଷୟରେ କାର୍ଯ୍ୟକ୍ରମରେ ଯୋଗଦେଇଥବା ମହିଳାମାନଙ୍କୁ ବୁଝାଇଥିଲେ । ମହିଳାମନେ କିଭଳି ଫୁଲଚାଷ, ମହୁଋଷ, କୁକୁଡ଼ା ପାଳନ, ଛତୁ ଚାଷ କରି କୃଷିକାର୍ଯ୍ୟ ମାଧ୍ୟମରେ ରୋଜଗାର କରିପାରିବେ ସେଥିପାଇଁ ତାଲିମ ନେବା ସହ ସରକାରଙ୍କ ଠାରୁ ଋଣ ନେଇ ସ୍ୱାବଲମ୍ବୀ ହେବା ବିଷୟରେ ଆଲୋଚନା କରିଥିଲେ । ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ ଛତୁଚାଷର ପ୍ରଣାଳୀ ବିଷୟରେ ବୁଝାଇବା ସହିତ ଏହି ଋଷ କରିବା ପାଇଁ ଏକ ନମୁନା ମଧ୍ୟ ପ୍ରର୍ଦଶନ କରିଥିଲେ । ହାମସ୍ ନୂଆଗାଁ ଶାଖାର ସଂପାଦକ ବିଜୟ  କୁମାର ମହାପାତ୍ର ଧନ୍ୟବାଦ ଅର୍ପଣ କରିଥିଲେ ।




## ବିଶ୍ୱ ମୃତ୍ତିକା ଦିବସ ପାଳିତଃ-

କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏହାର ତାଲିମ କକ୍ଷରେ ଡ଼ିସେମ୍ବର ୫ ତାରିଖରେ ବିଶ୍ୱ ମୃତ୍ତିକା ଦିବସ ପାଳନ କରାଯାଇଛି । ଏହି କାର୍ଯ୍ୟକ୍ରମରେ ଆଖପାଖ ଗ୍ରାମର ୫୦ଜଣ ଚାଷୀ ଭାଇ ଓ ଭଉଣୀ ମାନେ ଯୋଗ ଦେଇଥିଲେ । ମୃତ୍ତିକାର ସଂଗ୍ରହ, ବିଶ୍ଳେଷଣ ଓ ଆବଶ୍ୟକ ହେଉଥିବା ସ୍ଥୁଳ ଓ ସୁକ୍ଷ୍ମ ପୋଷକ ଗୁଡ଼ିକର ଉପରେ ଆଲୋଚନା କରାଯାଇଥିଲା । ମୃର୍ତ୍ତିକା ବୈଜ୍ଞାନିକ ଶ୍ରୀମତୀ ଲତା ମଲ୍ଲିକ ଚାଷୀ ଭାଇ ଭଉଣୀ ମାନଙ୍କୁ ମୃତ୍ତିକା ସଂଗ୍ରହ ତଥା ପ୍ରୟୋଗ ଶାଳାରେ ତାର ବିଶ୍ଳେଷଣ ପାଇଁ ଆହ୍ୱାନ




ଦେଇଥିଲେ । ଶ୍ରୀ ଦେବାଶିଷ ନାୟକ ମୃତ୍ତିକା ସଂଗ୍ରହ ପ୍ରଣାଳୀ ଉପରେ ଆଲୋଚନା କରିଥିଲେ । ଶ୍ରୀ ବିକ୍ରମ କେଶରୀ ପରିମାଣିକ ମୃତ୍ତିକା ସଂରକ୍ଷଣ ଏବଂ ସେଥିପାଇଁ ବୃକ୍ଷ ରୋପଣ ଯେ ଅନିବାର୍ଯ୍ୟ ତାହା ଉପରେ ଆଲୋକପାତ କରିଥିଲେ ।

## ଗ୍ରାମୀଣ ଯୁବ ଗୋଷ୍ଠୀ ମାନଙ୍କ ପାଇଁ ତାଲିମ୍ କେନ୍ଦ୍ରଃ-

କୃଷି ବିଜ୍ଞାନ କେନ୍ଦ୍ର ଆନୁକୂଲ୍ୟରେ ଗତ ଡ଼ିସେମ୍ବର ମାସର ୧୧ ଓ ୧୩ ତାରିଖ ଦୁଇଦିନ ଧରି ଯୁବ ଗୋଷ୍ଠୀ ମାନଙ୍କ ପାଇଁ ଏକ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ତାଲିମ ଶିବିରରେ ନିକଟସ୍ଥ ଗ୍ରାମ



ମାନଙ୍କର ୨୦ଜଣ ଯୁବକ ଓ ଯୁବତୀ ଯୋଗଦେଇଥିଲେ । ସେମାନଙ୍କୁ କୁକୁଡ଼ା ପାଳନ ଉପରେ ତାଲିମ୍ ପ୍ରଦାନ କରାଯାଇଥିଲା । ଗୃହ ବୈଜ୍ଞାନିକ ଶ୍ରୀମତୀ ବିଜୟଲକ୍ଷ୍ମୀ ରାଉତ ଗୃହ ପଶ୍ଚାତ୍ ପ୍ରାଙ୍ଗଣ ରେ କିପରି କୁକ୍କୁଟ ପାଳନ କରାଯାଇ ପାରିବ ଏବଂ ସୁସ୍ଥ ଭାବରେ ସେମାନଙ୍କର ଅଭିବୃଦ୍ଧି ହେଇପାରିବ ତାହା ଉପରେ ଆଲୋକପାତ କରିଥିଲେ ।

## ଖାଦ୍ୟ ନିରାପତ୍ତା ନିମନ୍ତେ ପାକଶାଳା ବଗିଚା:-

ଆମ ଦେଶରେ ୮୦ ଭାଗରୁ ଉର୍ଦ୍ଧ୍ୱଲୋକ ପ୍ରତ୍ୟକ୍ଷ ଓ ପରୋକ୍ଷ ଭାବେ କୃଷି ଉପରେ ନିର୍ଭରଶୀଳ । ଅର୍ଥାଭାବ କିମ୍ବା ଅଜ୍ଞତା ଯୋଗୁ ସମସ୍ତଙ୍କ ପକ୍ଷେ ସୁଷମ ଖାଦ୍ୟ ପାଇବା ସମ୍ଭବ ହୋଇ ନଥାଏ । ପ୍ରତ୍ୟେକ ବ୍ୟକ୍ତିର ଶାରିରୀକ, ମାନସିକ ଅଭିବୃଦ୍ଧି ପାଇଁ ସବୁ ସମୟରେ ସୁଷମ ଖାଦ୍ୟର ବ୍ୟବସ୍ଥାକୁ ଆମେ ଖାଦ୍ୟ ନିରାପତ୍ତା ବୋଲି କହିବା, ମହିଳାମାନେ ନିଜ ଘର ପଛପଟେ ପ୍ରାୟ ଗୋଟିଏ ଗୋଟିଏ ପାକଶାଳା ବଗିଚା କରିବା ପାଇଁ କୃଷି ବିଜ୍ଞାନକେନ୍ଦ୍ର, ପାଣିପଇଲା ଦ୍ୱାରା ଏକ ପ୍ରୟାସ ୨୦୧୮-୨୦୧୯ ରେ କରାଯାଇଥିଲା , ଏଥିରେ ଲକ୍ଷ୍ୟ ଥିଲାଯେ ନିଜ ଘର ପାଖରେ ଥିବା ଅଳ୍ପ ଜାଗା ଉପଯୋଗ କରି ବର୍ଷସାରା ପନିପରିବା ପାକଶାଳା ବଗିଚା ରେ ଚାଷ କରାଯାଇ ପାରିବ । ପାକଶାଳା ବଗିଚା କରିବା ଦ୍ୱାରା ଆମକୁ ଅନେକ ଲାଭ ମିଳିଥାଏ । ଘର ପାଇଁ ସବୁବେଳେ ସତେଜ ପନିପରିବା ମିଳିଥାଏ । ଯାହାଫଳରେ ପନିପରିବା କଣିବା ପାଇଁ ବ୍ୟୟ ହେଉଥିବା ଅର୍ଥ ସଞ୍ଚୟ ହୁଏ । ପରୋକ୍ଷରେ ଖାଦ୍ୟ ନିରାପତ୍ତା ହାସଲ ହୁଏ । ମହିଳାମାନଙ୍କ ର ଅବସର ସମୟ, ଘରର ଗାଧୁଆ ପାଣି ଓ ପନିପରିବା ଚୋପା ଏବଂ ଶାରିରୀକ ଶ୍ରମ ବିନିଯୋଗ ହୋଇଥାଏ । ପାକଶଳା ବଗିଚା କୁ ଛୋଟ ଛୋଟ ପଟାଳିରେ ବିଭକ୍ତି କରି ପ୍ରତିପଟାଳି ଅତିକମ୍‌ରେ ଦଶ ବର୍ଗଫୁଟ ହେବା ଉଚିତ୍ । ଦୁଇ ସାଇଡ୍‌ରେ ପଟାଳି କରି, ମଝିରେ ୧ ମିଟର ଓସାରରେ ଏକରାସ୍ତା ରହିବା ଉଚିତ୍ । ରାସ୍ତାକୁ ଲଗାଇ ପାଣିର ନାଳ କଲେ, ପ୍ରତି ପଟାଳି କୁ ମଧ୍ୟ ପାଣି ମଡ଼େଇବା ପାଇଁ ସୁବିଧା ହୋଇଥାଏ । ବଗିଚାର ଚାରିପଟେ, ସଜନା ଗଛ, କଦଳୀ ଗଛ, ଲେମ୍ବୁଗଛ, ବିଭିନ୍ନ ଲତା ଜାତୀୟ ଗଛ, ଯଥା କାକୁଡ଼ି, ଜହ୍ନି, କଲରା ଆଦି ଲଗାଯାଇଥାଏ । ପଟାଳି ମାନଙ୍କରେ




ବର୍ଷାଦିନରେ ଭେଣ୍ଡି, ଜହ୍ନି, ଖଡ଼ା, କାକୁଡ଼ି, କଲରା, ଲାଉ ଇତ୍ୟାଦି କରାଯାଇଥାଏ । ଶୀତ ଦନିରେ, ଫୁଲକୋବି, ମୂଳା, ଶାଗ, ବିନ୍‌ସ, ଟମାଟୋ ବରଗୁଡ଼ି, ଗୁଆଁର, ପାଳଙ୍ଗ, କୋଶଳା, ବୋକଲି ଇଦ୍ୟାଦି ଲଗାଯାଇ ଥାଏ । ସେହିପରି ଖରାଦିନରେ ଜହ୍ନି, ପୋଇ, କାକୁଡ଼ି, ଝୁଡୁଙ୍ଗ, ଶାଗ ଭେଣ୍ଡି ଇତ୍ୟାଦି ବର୍ଷସାରା ଚାଷକରାଯାଇ, ପନିପରିବାର ଆବଶ୍ୟକତାକୁ ପୂରଣ କରିବା ସହ ଖାଦ୍ୟ ନିରାପତ୍ତା ହାସଲ କରିବାରେ ପାକଶାଳା ବଗିଚା ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଥାଏ । କୃଷିବିଜ୍ଞାନକେନ୍ଦ୍ର ଚାରୋଟି ପୋଷ୍ୟ ଗ୍ରାମରେ ସବୁପ୍ରକାର ମଞ୍ଜି, ଗଛ ଯୋଗାଇ ଦେଇ ଅନ୍ୟ ମାନଙ୍କ ପାଇଁ ଉଦାହରଣ ସୃଷ୍ଟି କରିପାରିଛି ।

## ଟମାଟୋର ମୂଲ୍ୟଯୁକ୍ତ ପଦାର୍ଥ ପ୍ରସ୍ତୁତି କରଣ ର କର୍ମଶାଳା:-

ନୟାଗଡ଼ ଜିଲ୍ଲାରେ ଟମାଟୋ ୨୫୦୦ ହେକ୍ଟର ଜମିରେ ଚାଷ କରାଯାଏ । ଯେହେତୁ ଏହି ଟମାଟୋ ଫେବୃୟାରୀ, ମାର୍ଚ୍ଚ ମାସରେ ଅଧିକ ପରିମାଣରେ ଅମଳ କାରାଯାଏ, ନୟାଗଡ଼ରେ ଏହି ସମୟରେ ଟମାଟୋର ଉପଯୁକ୍ତ ମୂଲ୍ୟ ମଳିନଥାଏ । ଯାହାକି ସର୍ବନିମ୍ନ ଦରରେ ବିକ୍ରି ହୋଉଥିବାରୁ ଟମାଟୋ ଚାଷୀମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇଥାଆନ୍ତି । ତାଙ୍କର ଚାଷରେ ଖର୍ଚ୍ଚ ହେଉଥିବା



ମୂଲ୍ୟ ମଧ୍ୟ ପାଇପାରି ନଥାନ୍ତି । ନୟାଗଡ଼ ଜିଲ୍ଲାରେ ବେଶୀ ଦିନ ପର୍ଯ୍ୟନ୍ତ ସାଇତି ରଖିବାକୁ ମଧ୍ୟ କୌଣସି ଶୀତଳ ଭଣ୍ଡାର ନାହିଁ । ଏହି ସମୟରେ ଟମାଟୋ ରୁ ପାଉଡ଼ର ଏବଂ ପ୍ୟୁରୀ କରାଯାଇ ଅଧିକ ସମୟ ସଇତି ରଖି ତାହା ଭବିଷ୍ୟତ ରେ କପିରି ବ୍ୟବହାର କରାଯାଇ ପାରିବ, କୃଷି ବଜ୍ଞାନ କେନ୍ଦ୍ର ତରଫରୁ ଚାଷୀ କ୍ଷେତରେ ଗବେଷଣା କରାଯାଇଥିଲା ।

ଟମାଟୋକୁ ସିଝାଇ, ଥଣ୍ଡାକରି ମଣ୍ଡ ବାହାର କରି ଛାଣି, ଫୁଟାଇ ଅଧା ମଣ୍ଡ ହେଲେ, ତାକୁ ଚୁଲହାରୁ ଓହ୍ଲାଇ ଥଣ୍ଡା କରାଯାଇଥିଲା । ଏଥିରେ ଟମାଟୋ କେଜି ପ୍ରତି ଏକଗ୍ରାମ ସୋଡ଼ିୟମ୍ ବେନଜୋୟେଟ୍ ଏବଂ ୧୦୦ମି.ଲି. ଏସିଟିକ୍ ଏସିଡ୍ ମିଶ୍ରଣ କରାଯାଇ ଗୋଟିଏ ସଫା, ଶୁଖିଲା ବୋତଲରେ ଭର୍ତ୍ତିକରି ଠିପି ବନ୍ଦ କରି ରଖିଲେ ଆଠ ମାସ ପର୍ଯ୍ୟନ୍ତ ସାଇତା କରି ରଖାଯାଇ ପାରିବ । ସେହିପରି ଟମାଟୋ ଧୋଇ ସୋଲାର ଡ୍ରାୟର ରେ ୮୦° ସେଣ୍ଟିଗ୍ରେଡ୍ ପର୍ଯ୍ୟନ୍ତ ତାପମାତ୍ରା ରେ ୧୦ ଘଣ୍ଟା ଶୁଖାଇ ତାକୁ ଗ୍ରାଇଣ୍ଡରରେ ପାଉଡ଼ର ପ୍ରସ୍ତୁତି କରି ଚାଲୁଣୀ ରେ ଚଲାଇ ସେହି ଟମାଟୋ ପାଉଡ଼ରରେ ୫ ଗ୍ରାମ ଶୁଖା ପିଆଜ ପାଉଡ଼ର, କନଫ୍ଲୋର ୨ ଗ୍ରାମ ଜିରା ପାଉଡ଼ର .୫ଗ୍ରାମ, ଗୋଲମରିଚ ପାଉଡ଼ର ୦.୫ଗ୍ରାମ, ଲୁଣ ୧.୫ଗ୍ରାମ ମିଶାଇ ଛଅମାସ ପର୍ଯ୍ୟନ୍ତ ସାଇତା ରଖାଯାଇଥିଲା । ଯେତେବେଳେ ଟମାଟୋର ମୂଲ୍ୟ କିଲୋପ୍ରତି ୫୦ ଟଙ୍କାରୁ ଅଧିକ ଥିବ ସେହି ସମୟରେ ଏହା ବ୍ୟବହାର କରାଯାଇପାରିବ । ଏହି ଟମାଟୋ ପାଉଡ଼ରର ସଫଳତା ଦେଖି ଜିଲ୍ଲାରେ ଟମାଟୋ ଚାଷୀ ଭାଇଭଉଣୀ ମାନେ ଟମାଟୋ ପାଉଡ଼ର ପ୍ରସ୍ତୁତି କରି କିପରି ସ୍ୱାବଲମ୍ବୀ ହେବେ ସେଥିପାଇଁ ଆଗ୍ରହ ପ୍ରକାଶ କରିଛନ୍ତି ।




## ଚିନା ବାଦମ ଖୋଳାଯନ୍ତ୍ରର ସଫଳକ୍ଷେତ୍ର ପରିକ୍ଷଣ:-

ନୟାଗଡ଼ ଜିଲ୍ଲାରେ ଚିନାବାଦାମ ଏକ ମୁଖ୍ୟ ତୈଳଜାତ ଫସଲ ରୂପେ ପରିଗଣିତ । ଚିନାବାଦାମ ଖୋଳିବା ପାଇଁ ସାଧାରଣତଃ ଋଷୀଭାଇମାନେ ହଳ ଲଙ୍ଗଳକୁ ବ୍ୟବହାର କରିଥାନ୍ତି କିନ୍ତୁ ଦେଖାଯାଇଛି ଯେ ହଳ ଲଙ୍ଗଳରେ ଖୋଳିବା ଦ୍ୱାରା ବହୁତ ଚିନା ବାଦମ ମାଟି ତଳେ ପୋତି ହୋଇରହିଯାଏ ଏବଂ ଏହାଦ୍ୱାରା ଅମଳ ମଧ୍ୟ କମ୍ ହୋଇଥାଏ । ଏହାକୁ ଦୃଷ୍ଟି କୋଣରେ ରଖି କୃଷି ବିଜ୍ଞାନ କେନ୍ଦ୍ର ତରଫରୁ ଏକ ବଳଦ ଟଣା ଚିନାବାଦାମ ଖୋଳା ଯନ୍ତ୍ରର କ୍ଷେତ୍ର ପରୀକ୍ଷଣ ଭୋକିଲାପଡ଼ା ଗ୍ରାମରେ ପ୍ରାୟ ୧ ହେକ୍ଟର ଜମିରେ ୧୦ଜଣ ଋଷୀଙ୍କୁ ନେଇ କରାଯାଇଥିଲା । ଏହି ଯନ୍ତ୍ରଦ୍ୱାରା ଦିନକୁ ଏକ ଏକର ଜମିରୁ ବାଦାମ ଖୋଳାଯାଇପାରେ । ମାଟି ଭିତରେ ଋଲିଲା ବେଳେ ଏହାର ମୂଳ ୩" ରୁ ୪" ଗଭୀରରେ ଓ ପଛପାଖ ୧/୨" ଗଭୀରରେ ଯାଏ, ମାଟି ଓଲଟେ ନାହିଁ, ଫଳରେ ମୁଖ୍ୟ ମୂଳଟି ଛିଡ଼ିଯାଏ ଓ ମାଟି ହାଲୁକା ହୋଇଯାଏ । ଏହି ଯନ୍ତ୍ରଟିର ମୂଲ୍ୟ ମାତ୍ର ୬୦୦ରୁ ୭୦୦ ଟଙ୍କା ହୋଇଥାଏ ଏବଂ ଏହାଦ୍ୱାରା ପ୍ରାୟ ୬୦ରୁ ୭୦ ପ୍ରତିଶତ ଲୋକଶକ୍ତି ମଧ୍ୟ କମ୍ ହୋଇଥାଏ ।

ପ୍ରକାଶକ : ଡ଼ଃ ଅନିଲ୍ କୁମାର ସ୍ୱାଇଁ
ବରିଷ୍ଠ ବୈଜ୍ଞାନିକ ଏବଂ ମୁଖ୍ୟ

ସଂପାଦକ : ବିକ୍ରମ କେଶରୀ ପରିମାଣିକ
କାର୍ଯ୍ୟକ୍ରମ ସହକାରୀ

ଯୋଗଯୋଗ ଠିକଣା-

**କୃଷି ବିଜ୍ଞାନ କେନ୍ଦ୍ର**
ନୟାଗଡ଼, ପାଣିପଇଲା,
ପୋଷ୍ଟ- ବାଲୁଗାଁ, ଜିଲ୍ଲା -ନୟାଗଡ଼
ଫୋନ - ୯୪୩୯୦୨୪୦୪୦
EMAIL kvknayagarh.ouat@gmail.com